NITDIN
ନିତିଦିନ

16th July, 2019

# ଆଇଆଇଟିର ୨ ହଷ୍ଟେଲ୍ ଉଦ୍‌ଘାଟିତ





ଜଟଣୀ,୧୫।୭/ଏନ୍‌ଏନ୍‌ଏସ୍: ଅରୁଗୁଳ ସ୍ଥିତ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଆଇଆଇଟି), ଭୁବନେଶ୍ୱରର ସ୍ଥାୟୀ କ୍ୟାମ୍ପସ୍‌ରେ ନିର୍ମିତ ୨ଟି ନୂଆ ହଷ୍ଟେଲ୍‌କୁ ସୋମବାର ପୂର୍ବାହ୍ନରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ୍ ଉଦ୍‌ଘାଟନ କରିଛନ୍ତି। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ମୁଖ୍ୟଅତିଥି ରୂପେ ଯୋଗଦେଇ ବ୍ରହ୍ମପୁତ୍ର ହଲ୍ ଅଫ୍ ରେସିଡେନ୍ସ ଏବଂ ଗଙ୍ଗା ହଲ୍ ଅଫ୍ ରେସିଡେନ୍ସ ନାମକ ୨ଟି ହଷ୍ଟେଲ୍‌କୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ରାଜ୍ୟପାଳ ଶ୍ରୀ ଗଣେଶୀ ଲାଲ୍ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପ୍ରଥମେ ଆଶୀର୍ବାଦ ଜ୍ଞାପନ କରିବା ସହ ତୁମମାନଙ୍କ ମଧ୍ୟକୁ ଆସିଥିବାରୁ ମୋତେ ଗର୍ବ ଅନୁଭବ ହେଉଛି ବୋଲି କହିଥିଲେ। ଏଥିସହ ଛାତ୍ରଛାତ୍ରୀଙ୍କ ଶିକ୍ଷା, ନୀତି ଓ ଆଦର୍ଶ ଉପରେ ସେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ରାଜ୍ୟପାଳ ଏବଂ ଆଇଆଇଟି ନିର୍ଦ୍ଦେଶକ ଆର୍ ଭି ରାଜାକୁମାର ପ୍ରମୁଖ ବ୍ରହ୍ମପୁତ୍ର ହଲ୍ ଅଫ୍ ରେସିଡେନ୍ସ ସମ୍ମୁଖରେ ବୃକ୍ଷରୋପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ଆଇଆଇଟି ନିର୍ଦ୍ଦେଶକ ଶ୍ରୀ ରାଜାକୁମାର ରାଜ୍ୟପାଳ ଶ୍ରୀ ଗଣେଶୀ ଲାଲ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଷ୍ଟୁଡେଣ୍ଟ ଆଫେୟାର୍ସ ଡିନ୍ ପ୍ରଫେସର୍ ଭି ଆର୍ ପେଡିରେଡ୍ଡି, ରେଜିଷ୍ଟ୍ରାର୍ ଡା. ସୁବୋଧ କୁମାର, ସିଭିଲ୍ ୱାର୍କ୍ସର ଡା. ଦିନାକର ପାସଲା, ୱାର୍ଡେନ୍(ଆଇଆଇଟି) ଡା. ଶାନ୍ତନୁ ପାଲ୍, ନ୍ୟାଶନାଲ୍ ବିଲ୍ଡିଂ କନଷ୍ଟ୍ରକ୍ସନ୍ କର୍ପୋରେସନ୍(ଏନ୍‌ବିସିସି)ର ଜେନେରାଲ ମ୍ୟାନେଜର୍ ଏମ୍ ଆର୍ ମଣି ପ୍ରମୁଖ ଯୋଗ ଦେଇଥିଲେ।